**ସର୍ଦାର୍ ଇନ୍ଦ୍ର ସିଂହ ଏବଂ ସନ୍ସ ଲିମିଟେଡ୍**

**ବନାମ**

**ଆୟକର ଆୟୁକ୍ତ, ପଶ୍ଚିମ ବଙ୍ଗ**

**[ପ୍ରଧାନ ନ୍ୟାୟାଧୀଶ ପତଞ୍ଜଳି ଶାସ୍ତ୍ରୀ, ଏସ୍. ଆର୍. ଦାସ୍, ଭିଭିଆନ୍ ବୋଷ୍, ଗୁଲାମ୍ ହାସନ୍ ଏବଂ ଭଗବତୀ, ନ୍ୟାୟମୂର୍ତ୍ତିବୃନ୍ଦ]**

*ଆୟକର ଅଧିନିୟମ (1922 ର XI), ଧାରା 10 - ଆୟ - ଅଂଶ ଏବଂ ପ୍ରତିଭୂତିର ବିକ୍ରୟ - କମ୍ପାନୀଗୁଡ଼ିକର ଆର୍ଥିକ ସହାୟକ ଏବଂ ପ୍ରୋତ୍ସାହକ ଭାବରେ ବ୍ୟବସାୟ କରୁଥିବା କମ୍ପାନୀ - ପ୍ରତିଭୂତିର ବିକ୍ରୟରୁ ଆୟ - ଆକଳନଯୋଗ୍ୟ ଅଟେ କି ନାହିଁ – ପରୀକ୍ଷଣଗୁଡ଼ିକ ।*

ଅଂଶ ଏବଂ ପ୍ରତିଭୂତିର ବିକ୍ରୟରୁ ଉପୁଜିଥିବା ଅତିରିକ୍ତ ଆୟକୁ ଲାଭ କିମ୍ବା ଅଭିଲାଭ ଭାବେ ଆକଳନ କରାଯାଇପାରିବ କି ନାହିଁ କିମ୍ବା ଏହା କେବଳ ନିବେଶ ପରିବର୍ତ୍ତନରୁ ଉପୁଜିଥିବା ପୁଞ୍ଜିର ମୂଲ୍ୟ ବୃଦ୍ଧି ଅଟେ - ଏହି ପ୍ରଶ୍ନ ଏହା ଉପରେ ନିର୍ଭର କରେ ଯେ, ଯେଉଁ ବିକ୍ରୟରୁ ଅତିରିକ୍ତ ଆୟ ଉତ୍ପନ୍ନ ହୋଇଥିଲା, ତାହା ଟିକସଦାତାଙ୍କ ବ୍ୟବସାୟ ପରିଚାଳନା ସହିତ ଏତେ ଜଡ଼ିତ ଥିଲା କି ନାହିଁ ଯେ ସେହି ଅତିରିକ୍ତ ଆୟକୁ ବ୍ୟବସାୟର ଲାଭ ଏବଂ ଅଭିଲାଭ ବୋଲି ଯଥାର୍ଥ ଭାବେ କୁହାଯାଇପାରିବ ।

ଏହା ଜରୁରୀ ନୁହେଁ ଯେ ଅତିରିକ୍ତ ଆୟ ଏକ ଏପରି ପ୍ରତିଭୂତିରେ କାରବାର ପ୍ରକ୍ରିୟା ଦ୍ୱାରା ଉତ୍ପନ୍ନ ହେବା ଉଚିତ୍ ଯାହା ସ୍ୱୟଂ ପ୍ରତିଭୂତିର କ୍ରୟ ଏବଂ ବିକ୍ରୟର ଏକ ବ୍ୟବସାୟ ପରିଚାଳନା ହେବ । ଏହା ଯଥେଷ୍ଟ ହେବ ଯଦି ଏପରି ବିକ୍ରୟ, ବ୍ୟବସାୟ ଚଳାଇବାର ସାଧାରଣ ପ୍ରକ୍ରିୟାରେ ହୋଇଥିବ, କିମ୍ବା, ଅନ୍ୟ ଶବ୍ଦରେ, ଯଦି ପ୍ରତିଭୂତିର ପ୍ରାପ୍ତି ଆକଳନକାରୀଙ୍କ ବ୍ୟବସାୟ ଚଳାଇବାରେ ଏକ ସାଧାରଣ କ୍ରମ ହୋଇଥିବ ।

*ପଞ୍ଜାବ କୋ-ଅପରେଟିଭ୍ ବ୍ୟାଙ୍କ ଲିମିଟେଡ୍ ବନାମ ଆୟକର ଆୟୁକ୍ତ, ଲାହୋର* (67 I.A. 464) ମାମଲାକୁ ଅନୁସରଣ କରାଯାଇଥିଲା ।

ଯେଉଁଠାରେ ଏକ କମ୍ପାନୀର ଉଦ୍ଦେଶ୍ୟଗୁଡ଼ିକ ମଧ୍ୟରୁ ଗୋଟିଏ ଉଦ୍ଦେଶ୍ୟ ଥିଲା ଆର୍ଥିକ ସହାୟକ ଭାବେ ବ୍ୟବସାୟ ଚଳାଇବା ଏବଂ ଷ୍ଟକ୍, ଅଂଶ, ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଅନ୍ୟାନ୍ୟ ଉଦ୍ୟୋଗର କ୍ରୟ, ଅର୍ଜନ ଏବଂ ବିକ୍ରୟ କରିବା ଏବଂ ସେହି କମ୍ପାନୀ ଅନ୍ୟ କମ୍ପାନୀଗୁଡ଼ିକରେ ବହୁ ସଂଖ୍ୟକ ଅଂଶ କିଣି ରଖିଥିଲା ଏବଂ ଏହାର ଅଧିନସ୍ଥ ଷ୍ଟକ୍ ରୁ ଲାଭ ପ୍ରାପ୍ତି କରୁଥିଲା ଏବଂ ନୂତନ

*1953*

*ସର୍ଦ୍ଦାର୍ ଇନ୍ଦ୍ର ସିଂହ ଏବଂ ସନ୍ସ ଲିମିଟେଡ୍ ବନାମ ଆୟକର ଆୟୁକ୍ତ, ପଶ୍ଚିମ ବଙ୍ଗ*

*ପ୍ରଧାନ ନ୍ୟାୟାଧୀଶ ପତଞ୍ଜଳି ଶାସ୍ତ୍ରୀ*

ଅଂଶ ହାସଲ କରୁଥିଲା, ଏବଂ ଏହା ଅନ୍ୟ କମ୍ପାନୀଗୁଡ଼ିକର ବ୍ୟବସାୟକୁ ଆର୍ଥିକ ସହାୟତା ଏବଂ ପ୍ରୋତ୍ସାହନ ଦେବାରେ ନିୟୋଜିତ ଥିଲା:

ଏହା ବିଚାର କରାଯାଇଥିଲା ଯେ ନିବେଶର ବିକ୍ରୟ ଏବଂ ନୂତନ ନିବେଶ କରିବା କମ୍ପାନୀର ବ୍ୟବସାୟ ଚଳାଇବା ସହିତ ସିଧାସଳଖ ଜଡିତ ଥିଲା ଏବଂ ଅଂଶ ଓ ପ୍ରତିଭୂତିର ବିକ୍ରୟ ଦ୍ୱାରା କମ୍ପାନୀ ଦ୍ୱାରା କରାଯାଇଥିବା ଲାଭ ଆୟକର ନିମନ୍ତେ ଆକଳନଯୋଗ୍ୟ ଥିଲା ।

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 40/1952 ।

ଆୟକର ସନ୍ଦର୍ଭ ସଂଖ୍ୟା 7/1949 ରେ କଲିକାତା ଉଚ୍ଚ ନ୍ୟାୟାଳୟ (ପ୍ରଧାନ ନ୍ୟାୟାଧୀଶ ହାରିସ୍ ଏବଂ ନ୍ୟାୟମୂର୍ତ୍ତି ସିହ୍ନା) ଏହାର ବିଶେଷ ଅଧିକାରିତା ପ୍ରୟୋଗ କରି 1950 ମସିହା ମେ 15 ତାରିଖରେ ଦେଇଥିବା ରାୟ ଏବଂ ଆଦେଶରୁ ଆବେଦନ ।

ଆବେଦନକାରୀଙ୍କ ତରଫରୁ *ଏନ୍. ସି. ଚାଟାର୍ଜୀ* (ତାଙ୍କ ସହିତ *ଆର୍. ପି. ଖୋସଲା*) ।

ଆୟକର ଆୟୁକ୍ତଙ୍କ ତରଫରୁ *ସି. କେ. ଡାଫ୍ଟରୀ, ଭାରତର ସଲିସିଟର-ଜେନେରାଲ* (ତାଙ୍କ ସହିତ *ଜି. ଏନ୍. ଯୋଶୀ*) ।

1953. ସେପ୍ଟେମ୍ବର 23. ନ୍ୟାୟାଳୟଙ୍କ ରାୟ ପ୍ରଦାନ କରାଯାଇଥିଲା

ପ୍ରଧାନ ନ୍ୟାୟାଧୀଶ ପତଞ୍ଜଳି ଶାସ୍ତ୍ରୀ - ଭାରତୀୟ ଆୟକର ଅଧିନିୟମ, 1922 ର ଧାରା 66 ଅନୁଯାୟୀ ଆୟକର ଅପିଲୀୟ ନ୍ୟାୟାଧିକରଣଙ୍କ ଦ୍ୱାରା କଲିକତା ଉଚ୍ଚ ନ୍ୟାୟାଳୟଙ୍କୁ ବିଚାରାର୍ଥେ ପ୍ରେରଣ କରାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ କଲିକତା ଉଚ୍ଚ ନ୍ୟାୟାଳୟ ଦେଇଥିବା ଏକ ରାୟରୁ ଏହା ଏକ ଆବେଦନ ।

ଆବେଦନକାରୀ ହେଉଛନ୍ତି ଏକ ବେସରକାରୀ ସୀମିତ କମ୍ପାନୀ ଯାହା 1935 ମସିହାରେ ଭାରତୀୟ କମ୍ପାନୀ ଅଧିନିୟମ ଅନୁଯାୟୀ ଅନ୍ତର୍ଭୁକ୍ତ ହୋଇଥିଲା, ଯାହାର ଉଦ୍ଦେଶ୍ୟଗୁଡ଼ିକ, ଅନ୍ୟାନ୍ୟ ବିଷୟ ମଧ୍ୟରେ, ସଂଘ ସ୍ମାରକପତ୍ରରେ ଉଲ୍ଲେଖ ରହିଥିଲା:

ବ୍ୟାଙ୍କ ବ୍ୟବସାୟୀ, ପୁଞ୍ଜିପତି, ପ୍ରୋତ୍ସାହକ, ଆର୍ଥିକ ସହାୟକ, ବିକ୍ରେତା, ଠିକାଦାର, ବ୍ୟବସାୟୀ, ପରିଚାଳକ, ପରିଚାଳନା ଅଭିକର୍ତ୍ତା, ସଚିବ ଏବଂ କୋଷାଧ୍ୟକ୍ଷଙ୍କ ଦ୍ୱାରା ସାଧାରଣତଃ

କରାଯାଉଥିବା କିମ୍ବା କରିବା ପାଇଁ ପ୍ରତିଶ୍ରୁତି ଦିଆଯାଉଥିବା କୌଣସି ବ୍ୟବସାୟ, କାରବାର, ପରିଚାଳନା କିମ୍ବା କାର୍ଯ୍ୟକୁ ଜାରି ରଖିବା ଏବଂ କରିବା ପାଇଁ ପ୍ରତିଶ୍ରୁତି ଦେବା ।

ଷ୍ଟକ୍, ଅଂଶ,......ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ଉଦ୍ୟୋଗର କ୍ରୟ କିମ୍ବା ଅନ୍ୟଥା ଅର୍ଜନ, ଏବଂ ବିକ୍ରୟ କରିବା ।

କମ୍ପାନୀର ବ୍ୟବସାୟ ପାଇଁ ତୁରନ୍ତ ଆବଶ୍ୟକ ହେଉନଥିବା କମ୍ପାନୀର ଅର୍ଥକୁ ଏପରି ପ୍ରତିଭୂତିରେ ଏବଂ ସମୟ ସମୟରେ ସ୍ଥିର କରାଯାଇଥିବା ଏପରି ପଦ୍ଧତିରେ ନିବେଶ ଏବଂ କାରବାର କରିବା ।

ଏହି କମ୍ପାନୀ ଅନ୍ୟ ଅନ୍ତର୍ଭୁକ୍ତ କମ୍ପାନୀଗୁଡ଼ିକର ବହୁ ସଂଖ୍ୟକ ଅଂଶ କିଣି ରଖିଥିଲା ଏବଂ ଏହାର କିଛି ଅଧିନସ୍ଥ ଷ୍ଟକ୍ ରୁ ଲାଭ ପ୍ରାପ୍ତି କରୁଥିଲା ଏବଂ ଅନ୍ୟ କମ୍ପାନୀଗୁଡ଼ିକର ବିପୁଳ ପରିମାଣରେ ଅଂଶ ଅର୍ଜନ କରୁଥିଲା । ଆକଳନ ବର୍ଷ 1938-39 ର ଆୟକର ବିବରଣୀରେ କମ୍ପାନୀ ପୂର୍ବ ବର୍ଷ ମଧ୍ୟରେ ହୋଇଥିବା ଅଂଶ ଏବଂ ପ୍ରତିଭୂତିର ବିକ୍ରୟ ଯୋଗୁଁ 3,22,221 ଟଙ୍କାର କ୍ଷତି ଦର୍ଶାଇଥିଲା ଏବଂ ଏହାର ଲାଭର ଗଣନାରେ ଏହାକୁ ଏକ ବ୍ୟବସାୟିକ କ୍ଷତି ଭାବରେ ଅନୁମତି ଦିଆଯାଇଥିଲା । ତେବେ 1939-40, 1940-41 ଏବଂ 1941-42 ବର୍ଷଗୁଡ଼ିକ ପାଇଁ ହୋଇଥିବା ଆକଳନରେ କମ୍ପାନୀ ଦାବି କରିଥିଲା ଯେ ଏହି ଅନୁରୂପ ଆକଳନ ବର୍ଷଗୁଡ଼ିକରେ ସମାନ ବିକ୍ରୟରୁ ଉତ୍ପନ୍ନ ଅତିରିକ୍ତ ଆୟ ଟିକସଯୋଗ୍ୟ ଆୟ ନୁହେଁ କାରଣ ଏହିପରି ଅତିରିକ୍ତ ଆୟ କେବଳ ନିବେଶ ପରିବର୍ତ୍ତନରୁ ଉତ୍ପନ୍ନ ହୋଇଥିଲା ଏବଂ ତେଣୁ ଏହା ଏକ ପୁଞ୍ଜିଗତ ଲାଭ ଥିଲା । ଆୟକର କର୍ତ୍ତୃପକ୍ଷ ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ ସେହି ବର୍ଷଗୁଡ଼ିକରେ କମ୍ପାନୀର ଅଂଶ କାରବାରରୁ ହୋଇଥିବା ଅତିରିକ୍ତ ଆୟକୁ ଏହାର ଲାଭ ଏବଂ ଅଭିଲାଭ ଭାବରେ ବିବେଚନା କରି ତାହା ଉପରେ କର ଲଗାଇଥିଲେ । ଆବେଦନ ପରେ, ଆୟକର ଅପିଲୀୟ ନ୍ୟାୟାଧିକରଣ ଆକଳନ ଆଦେଶକୁ ସମର୍ଥନ କରିଥିଲେ କିନ୍ତୁ କିଛି ଭିନ୍ନ କାରଣ ଦର୍ଶାଇ । କମ୍ପାନୀର ବ୍ୟବସାୟ ଆରମ୍ଭ ହେବା ଦିନ ଠାରୁ ଏହିପରି କାରବାରଗୁଡ଼ିକର ଏକ ବିସ୍ତୃତ ବିଶ୍ଳେଷଣ ପରେ, ନ୍ୟାୟାଧିକରଣ ନିମ୍ନଲିଖିତ ସିଦ୍ଧାନ୍ତରେ ପହଞ୍ଚିଥିଲେ:

"ଉପରୋକ୍ତ ବିବରଣୀରୁ ଏହା ସ୍ପଷ୍ଟ ଯେ ଏହି କମ୍ପାନୀ ଅନ୍ୟ କମ୍ପାନୀଗୁଡ଼ିକର ବ୍ୟବସାୟକୁ ଆର୍ଥିକ ସହାୟତା ଏବଂ ପ୍ରୋତ୍ସାହନ ପ୍ରଦାନ କରିଆସୁଛି । ଏଥିପାଇଁ କମ୍ପାନୀକୁ ସମୟ ସମୟରେ ଏହାର ଅଧିନସ୍ଥ ଷ୍ଟକ୍ କୁ ପରିବର୍ତ୍ତନ କରିବାକୁ ପଡୁଥିଲା, କମ୍ପାନୀ ଦ୍ୱାରା କିଣାଯାଇଥିବା ଅନେକ

*1953*

*ସର୍ଦାର୍ ଇନ୍ଦ୍ର ସିଂହ ଏବଂ ସନ୍ସ ଲିମିଟେଡ୍ ବନାମ ଆୟକର ଆୟୁକ୍ତ, ପଶ୍ଚିମ ବଙ୍ଗ*

*ପ୍ରଧାନ ନ୍ୟାୟାଧୀଶ ପତଞ୍ଜଳି ଶାସ୍ତ୍ରୀ*

ଅଂଶ ଅନୁମାନଭିତ୍ତିକ ବ୍ୟବସାୟ କାରବାର ସ୍ୱଭାବର ରହି ଆସିଅଛି । ଏହି ନିବେଶଗୁଡ଼ିକୁ ବଜାୟ ରଖିବା ପାଇଁ ଏବଂ ଅନେକ କମ୍ପାନୀ (ପରିଚାଳିତ କିମ୍ବା ଅନ୍ୟଥା) କୁ ଅର୍ଥ ଯୋଗାଇବା ପାଇଁ ଆବେଦନକାରୀ କମ୍ପାନୀକୁ ଋଣ ଏବଂ ଅତିରିକ୍ତ ଟଙ୍କା ଉଠାଣ ବ୍ୟବସ୍ଥାର ଆଶ୍ରୟ ନେବାକୁ ପଡ଼ିଥିଲା । ତେଣୁ, ଏହା ସ୍ପଷ୍ଟ ଯେ, ଆବେଦନକାରୀ କମ୍ପାନୀ ଦ୍ୱାରା ଏହାର ସାଧାରଣ ବ୍ୟବସାୟିକ ପ୍ରକ୍ରିୟାରେ ଅଂଶ ଅର୍ଜନ କରାଯାଇଥିଲା ଏବଂ ସେଗୁଡ଼ିକ ଏହାର 'ଷ୍ଟକ୍-ଇନ୍-ଟ୍ରେଡ୍' ହୋଇଯାଇଥିଲା । ଏହି ଅଂଶଗୁଡ଼ିକର ବିକ୍ରିରୁ ଲାଭ ମୂଳତଃ କୌଣସି ଅତିରିକ୍ତ ପାଣ୍ଠିର ନିବେଶର ବିକ୍ରିରୁ ଉତ୍ପନ୍ନ ହୋଇନଥିଲା । ତେଣୁ, ଏହା ସ୍ପଷ୍ଟ ଯେ ନିବେଶ ବିକ୍ରି କରିବା ଏବଂ ନୂତନ ନିବେଶ କରିବା କମ୍ପାନୀର ବ୍ୟବସାୟ ସହିତ ଆର୍ଥିକ ସହାୟକ ଭାବେ ଯୋଡ଼ି ହୋଇ ରହିଛି, ଯେହେତୁ ଯେବେ ଅର୍ଥର ଆବଶ୍ୟକତା ଥାଏ ସେବେ ନିବେଶ କରିବା ଏବଂ ଅଧିନସ୍ଥ ଷ୍ଟକ୍ ରୁ ଲାଭ ପ୍ରାପ୍ତି କରିବା କମ୍ପାନୀର ସାଧାରଣ ବ୍ୟବସାୟର ଅଂଶବିଶେଷ ଅଟେ......ଏହା ଦର୍ଶାଇବା ପାଇଁ ପର୍ଯ୍ୟାପ୍ତ ପ୍ରମାଣ ରହିଛି ଯେ କମ୍ପାନୀ ବାସ୍ତବରେ ଆର୍ଥିକ ସହାୟକ ଭାବେ ବ୍ୟବସାୟ ଚଳାଇଥିଲା, ଯାହା ସଂଘ ସ୍ମାରକପତ୍ରର ଖଣ୍ଡ 3 (1) ରେ ଉଲ୍ଲିଖିତ ଉଦ୍ଦେଶ୍ୟଗୁଡ଼ିକ ମଧ୍ୟରୁ ଗୋଟିଏ ଅଟେ । ପ୍ରାସଙ୍ଗିକ ହିସାବ ବର୍ଷଗୁଡିକରେ କମ୍ପାନୀର ଆର୍ଥିକ କାରବାର ସମ୍ବନ୍ଧୀୟ ପ୍ରମାଣ, ଯାହା ଆମ୍ଭେ ଉଲ୍ଲେଖ କରିଛୁ, ସ୍ପଷ୍ଟ ଭାବରେ ପ୍ରମାଣିତ କରେ ଯେ ନିବେଶ ଉପରେ ଲାଭ ଅର୍ଜନ ସିଧାସଳଖ କମ୍ପାନୀର ଆର୍ଥିକ କାରବାରର ପରିଚାଳନା ସହିତ ଜଡିତ ।

ଏହି ଦୃଷ୍ଟିକୋଣରୁ, କମ୍ପାନୀର ଅଂଶ କାରବାରରୁ ହୋଇଥିବା ଲାଭ ଏବଂ ଅଭିଲାଭ, ଲାଭ ଭାବରେ ଟିକସଯୋଗ୍ୟ କି ନୁହେଁ - ଏହି ବିଷୟରେ ନିର୍ଣ୍ଣୟ ନେବା ଅନାବଶ୍ୟକ ବୋଲି ନ୍ୟାୟାଧିକରଣ ବିବେଚନା କରିଥିଲେ ।

କମ୍ପାନୀର ଆବେଦନ ଉପରେ, ନ୍ୟାୟାଧିକରଣ ଏହାର ନିର୍ଣ୍ଣୟ ପାଇଁ ନିମ୍ନୋକ୍ତ ପ୍ରଶ୍ନକୁ ଉଚ୍ଚ ନ୍ୟାୟାଳୟଙ୍କୁ ବିଚାରାର୍ଥେ ପ୍ରେରଣ କରିଥିଲେ:

ମାମଲାର ତଥ୍ୟ ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି, ଅଂଶ ଏବଂ ପ୍ରତିଭୂତିର ବିକ୍ରୟ ଫଳରେ କମ୍ପାନୀ ଦ୍ୱାରା ଅର୍ଜନ କରାଯାଇଥିବା ଅତିରିକ୍ତ ଅର୍ଥ ଟିକସଯୋଗ୍ୟ ଆୟ କି?

ନ୍ୟାୟାଳୟ ଏହି ପ୍ରଶ୍ନର ଉତ୍ତର 'ହଁ' ରେ ଦେଇଥିଲେ କିନ୍ତୁ କମ୍ପାନୀକୁ ଏହି ନ୍ୟାୟାଳୟରେ ଆବେଦନ କରିବାକୁ ଅନୁମତି ଦେଇଥିଲେ ।

*1953*
*ସର୍ଦାର୍ ଇନ୍ଦ୍ର ସିଂହ ଏବଂ ସନ୍ସ ଲିମିଟେଡ୍ ବନାମ ଆୟକର ଆୟୁକ୍ତ, ପଶ୍ଚିମ ବଙ୍ଗ*
*ପ୍ରଧାନ ନ୍ୟାୟାଧୀଶ ପତଞ୍ଜଳି ଶାସ୍ତ୍ରୀ*

ଏହିପରି ସମସ୍ତ ମାମଲାରେ ଲାଗୁ ହେଉଥିବା ନୀତି ଭଲ ଭାବରେ ସ୍ଥିର ଅଟେ ଏବଂ ପ୍ରଶ୍ନ ସର୍ବଦା ହେଉଛି ଯେ ଅତିରିକ୍ତ ଆୟ ଉତ୍ପନ୍ନ କରୁଥିବା ବିକ୍ରୟ ଆକଳନକାରୀଙ୍କ ବ୍ୟବସାୟ ଚଳାଇବା ସହିତ ଏତେ ଜଡିତ ଥିଲା ଯେ ଏହା ନ୍ୟାୟସଙ୍ଗତ ଭାବରେ କୁହାଯାଇପାରିବ ଯେ ଅତିରିକ୍ତ ଆୟ ହେଉଛି ଏହିପରି ବ୍ୟବସାୟର ଲାଭ ଏବଂ ଅଭିଲାଭ । ଏହା ଜରୁରୀ ନୁହେଁ ଯେ ଅତିରିକ୍ତ ଆୟ ଏକ ଏପରି ପ୍ରତିଭୂତିରେ କାରବାର ପ୍ରକ୍ରିୟା ଦ୍ୱାରା ଉତ୍ପନ୍ନ ହେବା ଉଚିତ୍ ଯାହା ସ୍ୱୟଂ ପ୍ରତିଭୂତିର କ୍ରୟ ଏବଂ ବିକ୍ରୟର ଏକ ବ୍ୟବସାୟ ପରିଚାଳନା ହେବ । ଏହା ଯଥେଷ୍ଟ ହେବ ଯଦି ଏପରି ବିକ୍ରୟ ବ୍ୟବସାୟ ଚଳାଇବାର ସାଧାରଣ ପ୍ରକ୍ରିୟାରେ ହୋଇଥିବ, କିମ୍ବା *ପଞ୍ଜାବ କୋ-ଅପରେଟିଭ୍ ବ୍ୟାଙ୍କ ଲିମିଟେଡ୍ ବନାମ ଆୟକର ଆୟୁକ୍ତ, ଲାହୋର*[1] ମାମଲାରେ ପ୍ରିଭି କାଉନସିଲଙ୍କ ଦ୍ୱାରା ବ୍ୟବହୃତ ଶବ୍ଦରେ, ଯଦି ପ୍ରତିଭୂତିର ପ୍ରାପ୍ତି ଆକଳନକାରୀଙ୍କ ବ୍ୟବସାୟ ଚଳାଇବାରେ ଏକ ସାଧାରଣ କ୍ରମ ହୋଇଥିବ । ଯଦିଓ ସେହି ମାମଲା ଏକ ବ୍ୟାଙ୍କିଙ୍ଗ ବ୍ୟବସାୟର ମୂଲ୍ୟାଙ୍କନରୁ ଆସିଥିଲା, ତେବେ ଏହିପରି କାରବାରରୁ ଉତ୍ପନ୍ନ ଅତିରିକ୍ତ ଆୟ ପୁଞ୍ଜି ଆୟରୁ ହୋଇଛି ନା ବାଣିଜ୍ୟିକ ଲାଭରୁ ହୋଇଛି ତାହା ନିର୍ଣ୍ଣୟ କରିବା ପାଇଁ ଏହି ପରୀକ୍ଷା ସାଧାରଣ ଭାବେ ସମସ୍ତ ଘଟଣାରେ ପ୍ରୟୋଗ ହୋଇଥାଏ । ପ୍ରଶ୍ନଟି ମୁଖ୍ୟତଃ ତଥ୍ୟ ଉପରେ ଆଧାରିତ ଏବଂ ଅନେକ ମାମଲା ଅଛି ଯାହା ଉଭୟ ପାର୍ଶ୍ୱରେ ଆସେ କିନ୍ତୁ ସମାନ ନୀତିକୁ ଦର୍ଶାଏ । କମ୍ପାନୀର ବ୍ୟବସାୟର ପ୍ରକୃତି ଏବଂ ଗତିବିଧି ସମ୍ବନ୍ଧରେ ମିଳିଥିବା ତଥ୍ୟ ଉପରେ କୌଣସି ସନ୍ଦେହ ନାହିଁ ଯେ ବର୍ତ୍ତମାନର ମାମଲା ରାଜସ୍ୱ ପକ୍ଷରେ ରହିଛି ।

ଉଚ୍ଚ ନ୍ୟାୟାଳୟଙ୍କ ମତ ଯେ, ନ୍ୟାୟାଧିକରଣ ତାଙ୍କ ସିଦ୍ଧାନ୍ତରେ ପହଞ୍ଚିବା ପାଇଁ ପର୍ଯ୍ୟାପ୍ତ ସାରବାନ୍ ତଥ୍ୟ ଥିଲା, ଯାହାକି ସେମାନେ ପହଞ୍ଚିଥିଲେ, ଏଥିରେ ସହମତ ହୋଇ ଆମ୍ଭେ ଖର୍ଚ୍ଚ ସହିତ ଆବେଦନକୁ ଖାରଜ କରୁଛୁ ।

*ଆବେଦନକୁ ଖାରଜ କରାଗଲା* ।

ଆବେଦନକାରୀଙ୍କ ପାଇଁ ପ୍ରତିନିଧି: *ଏସ୍. ସି. ବାନାର୍ଜୀ* ।

ଉତ୍ତରଦାତାଙ୍କ ପାଇଁ ପ୍ରତିନିଧି: *ଜି. ଏଚ୍. ରାଜାଧ୍ୟକ୍ଷ* ।

[1] 67 I.A. 464, 481.

*1953*

*ସର୍ଦାର୍ ଇନ୍ଦ୍ର ସିଂହ ଏବଂ ସନ୍ସ ଲିମିଟେଡ୍ ବନାମ ଆୟକର ଆୟୁକ୍ତ, ପଶ୍ଚିମ ବଙ୍ଗ*

*ପ୍ରଧାନ ନ୍ୟାୟାଧୀଶ ପତଞ୍ଜଳି ଶାସ୍ତ୍ରୀ*

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ। ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ।"

***ଭାଷାନ୍ତର :***

ଅମରେଶ୍ୱର ମିଶ୍ର, ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।